**ନିର୍ବାଚନ ଅଧିକାରୀ କଟକ କେନ୍ଦ୍ର ସମବାୟ ବ୍ୟାଙ୍କ ଲିଃ , କଟକ**
**ନିମଚୌଡି , କଟକଙ୍କ କାର୍ଯ୍ୟାଳୟ**

## <u>ନିର୍ବାଚନ ବିଜ୍ଞାପନ</u>

**ସଂଖ୍ୟା -୧** ଟା.୨୩-୦୮-୨୦୨୨.

ଓଡିଶା ସମବାୟ ସମିତି ଆଇନ ୧୯୬୨ରେ ଥିବା ବ୍ୟବସ୍ଥା ଅନୁଯାୟୀ ଓ ଓଡିଶା ସମବାୟ ସମିତି (କମିଟିର ନିର୍ବାଚନ) ନିୟମାବଳୀ ୧୯୯୨ର ଧାରା ୪ରେ ନ୍ୟସ୍ତ ହୋଇଥିବା କ୍ଷମତା ବଳରେ ଏବଂ ରାଜ୍ୟ ସମବାୟ ନିର୍ବାଚନ ଆୟୋଗଙ୍କ ନିର୍ଦ୍ଦେଶ ସଂଖ୍ୟା ୨୫୭୩ ତା. ୧୨.୦୮.୨୦୨୨ ରିଖ ପ୍ରକାରେ ଆମ୍ଭେ **ଶ୍ରୀ ପୂର୍ଣ୍ଣଚନ୍ଦ୍ର ମିଶ୍ର, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) କଟକ ତଥା ନିର୍ବାଚନ ଅଧିକାରୀ, କଟକ କେନ୍ଦ୍ର ସମବାୟ ବ୍ୟାଙ୍କ ଲିଃ , କଟକ** ଏତଦଦ୍ୱାରା ବିଜ୍ଞାପିତ କରାଉଛୁ ଯେ, ଉପରୋକ୍ତ ସମବାୟ ବ୍ୟାଙ୍କ କମିଟି ସଦସ୍ୟ/ସଦସ୍ୟା ପଦ(ଗୁଡିକ)ର ନିର୍ବାଚନ **ତା ୩୦.୧୦.୨୦୨୨ ରିଖ (ରବିବାର)** ରେ ଅନୁଷ୍ଠିତ ହେବ ।

ଏହି ନିର୍ବାଚନରେ ୧୫ (ପନ୍ଦର) ଜଣ ସଦସ୍ୟ ବିଶିଷ୍ଟ କମିଟି ଗଠନ ନିମନ୍ତେ ପ୍ରତ୍ୟେକ ନିର୍ଦ୍ଦିଷ୍ଟ ନିର୍ବାଚନ ମଣ୍ଡଳୀରୁ ଜଣେ ଲେଖାଏଁ ସଦସ୍ୟ /ସଦସ୍ୟା ନିର୍ବାଚିତ କରାଯିବ। ନିର୍ବାଚନ ସଂକ୍ରାନ୍ତୀୟ ବିସ୍ତୃତ କାର୍ଯ୍ୟକ୍ରମ ଯଥା ସମୟରେ ଘୋଷଣା କରାଯିବ ।

ସ୍ୱା/-(ଶ୍ରୀ ପୂର୍ଣ୍ଣଚନ୍ଦ୍ର ମିଶ୍ର)
ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ), କଟକ
ନିର୍ବାଚନ ଅଧିକାରୀ
କଟକ କେନ୍ଦ୍ର ସମବାୟ ବ୍ୟାଙ୍କ ଲିଃ, କଟକ

# କଟକ କେନ୍ଦ୍ର ସମବାୟ ବ୍ୟାଙ୍କ ଲିଃ ,
## ମୁଖ୍ୟ କାର୍ଯ୍ୟାଳୟ , ନିମଚୌଡି, କଟକ

### ବିଜ୍ଞାପନ

ଏତଦଦ୍ୱାରା କଟକ କେନ୍ଦ୍ର ସମବାୟ ବ୍ୟାଙ୍କ ଲିଃର ସମସ୍ତ ଯୋଗ୍ୟ ଅଂଶୀଦାର ସଭ୍ୟଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି କି, ଆସନ୍ତା ତା-୩୦.୧୦.୨୦୨୨ ରିଖ (ରବିବାର) ଦିନ ଅନୁଷ୍ଠିତ ହେବାକୁ ଥିବା ବ୍ୟାଙ୍କର ପରିଚାଳନା ପରିଷଦର ସଦସ୍ୟ/ସଦସ୍ୟା ନିର୍ବାଚନରେ ଅଂଶଗ୍ରହଣ କରିବା ପାଇଁ ସେମାନଙ୍କର ସମିତିରୁ ନିର୍ବାଚିତ ସଭ୍ୟ/ସଭ୍ୟାଙ୍କ ତାଲିକା ଓଡିଶା ସମବାୟ ସମିତି (ପରିଷଦ ନିର୍ବାଚନ) ନିୟମାବଳୀ ୧୯୯୨ର ଧାରା ୬ (୨) ଅନୁଯାୟୀ ତା-୦୯.୦୯.୨୦୨୨ ରିଖ ସୁଦ୍ଧା ବ୍ୟାଙ୍କର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ନିମ୍ନପ୍ରଦତ୍ତ ସାରଣୀରେ ପ୍ରଦାନ କରିବେ, ଫଳତଃ ସେମାନଙ୍କ ନାମ ପ୍ରାଥମିକ ଭୋଟର ତାଲିକାରେ ତାଲିକାଭୁକ୍ତ କରାଯାଇପାରିବ। ନିର୍ବାଚନ ଅଧିକାରୀଙ୍କ ଦ୍ୱାରା ଘୋଷିତ ନିର୍ବାଚିତ ସଭ୍ୟ/ସଭ୍ୟାଙ୍କ ତାଲିକା ସମିତିର ସମ୍ପାଦକଙ୍କ ସ୍ୱାକ୍ଷରରେ ପ୍ରଦାନ କରିବାକୁ ଅନୁରୋଧ ।

| କ୍ରମିକ ସଂଖ୍ୟା | ସଭ୍ୟ ସମିତିର ନାମ | ପରିଚାଳନା ପରିଷଦର ନିର୍ବାଚିତ ସଭ୍ୟ/ସଭ୍ୟାଙ୍କ ନାମ | ପିତା/ସ୍ୱାମୀଙ୍କ ନାମ | ଠିକଣା | ଲିଙ୍ଗ | ବର୍ଗ (ତଫସିଲଭୁକ୍ତ ଜାତି ବା ତଫସିଲଭୁକ୍ତ ଜନଜାତି ବା ଅନ୍ୟାନ୍ୟ ପଛୁଆବର୍ଗ ତଥା ସାମାଜିକ ଶିକ୍ଷା ଅନଗ୍ରସର ବା ସାଧାରଣ ବର୍ଗ ଉଲ୍ଲେଖ କରନ୍ତୁ ) |
|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ |
| | | | | | | |
| | | | | | | |

ସ୍ୱା /-( ଶ୍ରୀ ଅଶୋକ କୁମାର ଦାଶ )
ତା - ୨୪.୦୮.୨୦୨୨
ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ
କଟକ କେନ୍ଦ୍ର ସମବାୟ ବ୍ୟାଙ୍କ